# ଓରଟେଲ୍ ଡଟ୍ ନେଟ୍‌ର ନୂଆ ଯୋଜନା

ଭୁବନେଶ୍ୱର: ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀ ଓର୍‌ଟେଲ୍ ଡଟ୍ ନେଟ୍ ତାହାର ଉପଭୋକ୍ତାମାନଙ୍କ ପାଇଁ ନୂଆ ଯୋଜନା ଆରମ୍ଭ କରିଛି । ଯାହାଦ୍ୱାରା ଉପଭୋକ୍ତାମାନେ ୫୫୦ ଟଙ୍କାର ସଂପୂର୍ଣ୍ଣ ମାଗଣା ଉପହାର ପାଇପାରିବେ । ଏଥିରେ ଥିବା ଷ୍ଟୁଡେଣ୍ଟ ଏବଂ ହୋମ୍ ଇକୋନୋମୀ ଯୋଜନାରେ ୨ମାସର ଆଡ୍‌ଭାନ୍ସ ଦେଇ ଏହି ଅଫର ହାସଲ କରିପାରିବେ । ଅନ୍ୟାନ୍ୟ ଅଫର୍ ପାଇଁ ଏହି ଅଡ୍‌ଭାନ୍ସ ସୁବିଧା ଉପଲବ୍ଧ ନୁହେଁ । ଓର୍‌ଟେଲ୍ ଡଟ୍ ନେଟ୍ ଡାଟା ସର୍ଭିସେସ୍ ଏଚ୍‌ଏଫ୍‌ସି (ହାଇବ୍ରିଡ୍ ଫାଇବର୍ କୋଆକ୍ସିଆଲ୍) ନେଟ୍‌ୱର୍କ ମାଧ୍ୟମରେ କାର୍ଯ୍ୟ କରିଥାଏ । ଡକ୍‌ସିସ୍ ୨.୦ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କ ସହାୟତାରେ କାର୍ଯ୍ୟ କରୁଥିବା କମ୍ପାନୀମଧ୍ୟରେ ଏହା ସମଗ୍ର ଏସିଆରେ ୭ମ ସ୍ଥାନ ଅଧିକାର କରିଛି । ଏହା ହେଉଛି ପ୍ରଥମ ଘରୋଇ କମ୍ପାନୀ ଯାହା ଭାରତ ସରକାରଙ୍କଠାରୁ ସ୍କାଏ କେବୁଲ ଇଣ୍ଟରନେଟ୍ ସର୍ଭିସ୍ ବ୍ରାଣ୍ଡରେ ଆଇଏସ୍‌ପି (ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର୍) ମାନ୍ୟତା ହାସଲ କରିଛି । ଭୁବନେଶ୍ୱରଏବଂ କଟକରେ ଓର୍‌ଟେଲ୍ ତାହାର ଉପଭୋକ୍ତାଙ୍କୁ ଡାଏଲ୍-ଅପ୍ ମୋଡେମ୍ ମାଧ୍ୟମରେ ସେବା ପ୍ରଦାନ କରୁଛି । ଓର୍‌ଟେଲ୍ ଡଟ୍ ନେଟ୍‌ର ଉପଭୋକ୍ତା ବେସ୍ ୫୦୦ରେ ରହିଛି । ଓଡିଶାରେ ବ୍ରଡ୍‌ବ୍ୟାଣ୍ଡ ଟେକ୍ନୋଲୋଜି କ୍ଷେତ୍ରରେ ଓର୍‌ଟେଲ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏବଂ ଆଗାମୀ ଦିନରେ ଏହା ବେଶ୍ ସଫଳତା ଲାଭ କରିବ ବୋଲି ଓର୍‌ଟେଲ୍ ପକ୍ଷରୁ କୁହାଯାଇଛି ।